To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଅଯୋଧ୍ୟା ମାମଲାରେ ଦୀପାବଳି ସୁଧା ଖୁସି ଖବର ଦେବେ ଯୋଗୀ ଆଦିତ୍ୟନାଥ

R.N.I. No.-42041/83 Vol-16, Issue No.126, ଭଦ୍ରକ, ଶନିବାର, ୩, ନଭେମ୍ବର ୨୦୧୮ ■ Bhadrak Saturday, 3 November 2018 Rs. 2.00 Pages-8

ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା ଆମର ହକ୍ : ମୁଖ୍ୟମନ୍ତ୍ରୀ

- ଏଥିପାଇଁ ଆମର ଲଢ଼େଇ ଜାରି ରହିବ
- ଚୌକି ପାଇଁ ପ୍ରତିଶ୍ରୁତି ଭୁଲିଗଲା ବିଜେପି

ଭୁବନେଶ୍ୱର,୨।୧୧ (ସକାଳ ଖବର): ବିଜୁ ଜନତା ଦଳ ପକ୍ଷରୁ ଅକ୍ଟୋବର ୨ ତାରିଖ ପବିତ୍ର ଗାନ୍ଧି ଜୟନ୍ତୀରୁ ଆରମ୍ଭ ହୋଇ ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଜନସଂପର୍କ ପଦଯାତ୍ରା ଆଜି ୪୩ ନମ୍ବର ୱାର୍ଡର ଲକ୍ଷ୍ମୀସାଗର ମେଳନ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ଏହି ପଦଯାତ୍ରାରେ ଦଳର ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଅକ୍ଟୋବର ୨ରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ସାରା ରାଜ୍ୟରେ ବେଶ ଭଲ ଭାବରେ ଚାଲିଛି । ଏଥିପାଇଁ ଆମର କର୍ମୀ ଭାଇ-ଭଉଣୀମାନଙ୍କୁ ମୋର ଧନ୍ୟବାଦ। ଆମେ କଥା ନୁହେଁ, କାମରେ ବିଶ୍ୱାସ କରୁ । ମୁଁ ଆପଣମାନଙ୍କୁ ୪ଟି କଥା କହିଥିଲି। ନମ୍ବର ୧- ଖାଦ୍ୟ ସୁରକ୍ଷା, ନମ୍ବର ୨- ଘର, ନମ୍ବର ୩-ସ୍ୱାସ୍ଥ୍ୟ ଓ ନମ୍ବର ୪- ସାମାଜିକ ନିରାପତ୍ତା । ଭାରତ ସରକାରଙ୍କ ନିୟମରେ ବହୁ ଗରିବ ଲୋକ, ଯୋଗ ହିତାଧିକାରୀ ଏସବୁ ସୁବିଧାରୁ ବଞ୍ଚିତ ହେଲେ, ଏହା ମୋତେ ବହୁତ ବାଧିଲା । ଆପଣଙ୍କ ଟଙ୍କାରେ, ଓଡ଼ିଶାବାସୀଙ୍କ ଟଙ୍କାରେ ଆମେ ଆରମ୍ଭ କଲୁ- ବିଜୁ ପକ୍କା ଘର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ମଧୁବାବୁ ପେନସନ ଓ ଆହୁରି ଅନେକ ସାମାଜିକ ନିରାପା ଯୋଜନା । ଏହି କାର୍ଯ୍ୟକ୍ରମର ସୁବିଧା ଯେପରି ସବୁ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ, ସେଥିପାଇଁ ଆମେ କାମ କରୁଛୁ । ବସ୍ତିର ଗରିବ ଲୋକଙ୍କ କଲ୍ୟାଣ ପାଇଁ ଆମେ ଅନେକ ପଦକ୍ଷେପ ନେଇଛୁ । ସେମାନଙ୍କ ପାଇଁ ମଧ ହାଉସିଂ ପ୍ରୋଜେକ୍ଟ କରାଯାଇଛି । ସମସ୍ତଙ୍କ ବିକାଶ ବିଜୁ ଜନତା ଦଳର ଲକ୍ଷ, ଏ ଦିଗରେ ଆମେ କାମ କରି ଚାଲିବା । ଆପଣମାନେ ଜାଣନ୍ତି ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେଡି-ବିଜେପି ଏକାଠି ସରକାର କରିଥିଲେ । ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦେବା ପାଇଁ ଆମେ ଏକାଠି ଲଢ଼ୁଥିଲୁ । ୨୦୦୯ ପରେ ବିଜୁ ଜନତା ଦଳ ଓ ବିଜେପି ଏଥିପାଇଁ ତାଙ୍କର ଲଢ଼େଇ ଜାରି ରଖିଛନ୍ତି । ୨୦୧୪ ସାଧାରଣ ନିର୍ବାଚନରେ ବିଜେପିର ନିର୍ବାଚନୀ ଇସ୍ତାହାରରେ ପ୍ରଥମ ଏଜେଣ୍ଡା ଥିଲା ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପ୍ରଦାନ କରିବା । ଏହା ଦେଖି ମୁଁ ସବୁଠାରୁ ବେଶୀ ଖୁସି ହୋଇଥିଲି । ଆଶା ଥିଲା ଓଡ଼ିଶାବାସୀ ନ୍ୟାୟ ପାଇବେ । ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦ୍ୱାରା ଓଡ଼ିଶାର ଯୁବକମାନେ ସବୁଠାରୁ ଅଧିକ ସୁଯୋଗ ପାଇବେ । ଓଡ଼ିଶାକୁ ଟାକ୍ସ ରିବେଟ ମିଳିବା ଅନେକ ଶିଳ୍ପ ଆସିବ, ନିଯୁକ୍ତିର ସୁଯୋଗ ମଧ୍ୟ ବଢ଼ିବା ନମ୍ବର ୨ରେ ଲାଭ ହେବ, ବର୍ତ୍ତମାନ ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ଭାଗ ପଚାଶ-ପଚାଶ ରହୁଛି । କିନ୍ତୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପାଇଲେ, ଏହି ଭାଗ ନବେ ଓ ଦଶ ପ୍ରତିଶତ ରହିବ । ଏହାଦ୍ୱାରା ବଳକା ଅର୍ଥକୁ ଆମେ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଓ ଅନାନ ବିକାଶ କାମରେ ଖର୍ଚ୍ଚ କରିପାରିବା । କିନ୍ତୁ ଦୁଃଖର କଥା, ଚୌକି ପାଇଁ ବିଜେପି ତା'ର ପ୍ରତିଶ୍ରୁତିକୁ ଭୁଲି ଗଲା । ଓଡ଼ିଶାବାସୀଙ୍କ ଆଶା ଆଶାରେ ହିଁ ରହିଗଲା । ଆପଣମାନେ ଜାଣନ୍ତି, ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସାମନା କରୁଛି । ବହୁ ଧନ ସଂପି ନଷ୍ଟ ହେଉଛି। ସ୍ୱତନ୍ତ୍ର ପାହା ମାନ୍ୟତା ପାଇଁ ଏହା କ'ଣ ଏକ ଯୁକ୍ତିଯୁକ୍ତ କାରଣ ନୁହେଁ ? ୨୦୧୪ର ଏହି ପ୍ରତିଶ୍ରୁତି ବିଷୟ ଲୋକମାନେ ବିଜେପିକୁ ୨୦୧୯ ନିର୍ବାଚନରେ ମନେ ପକାଇଦେବେ। ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା ଆମର ହକ । ଏଥିପାଇଁ ଆମର ଲଢ଼େଇ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

ଭୁବନେଶ୍ୱର-ମଧ ବିଧାୟକ ବିଜୟ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଜନସଂପର୍କ ପଦଯାତ୍ରାରେ ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର-ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ଦେବାଶିଷ ନାୟକ, ସାଂସଦ ପ୍ରସନ୍ନ ପାଟ୍ଟଶାଣୀ, ମେୟର ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାପତି ବାବୁ ସିଂହ, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ**(ପୃଷ୍ଠା-୭)**

ଆଜି ପୁଣି ହାଜର ହେବେ ଅଭିଜିତ୍ ଆୟାର

ଭୁବନେଶ୍ୱର, ୨।୧୧ (ସକାଳ ଖବର): ଓଡିଶାର ବିଧାୟକମାନଙ୍କ ପ୍ରତି ଆପତିଜନକ ମନ୍ତବ୍ୟ ଦେଇ ସ୍ୱାଧିକାର ଭଙ୍ଗ କରିଥିବା ଅଭିଯୋଗରେ ଅଭିଜିତ୍ ଆୟାର ମିତ୍ର ଅଭିଜିତ୍ ସମୟ ମାଗିଥିଲେ। ୧ ଘଂଟାରୁ ଉର୍ଦ୍ଧ୍ୱ ସମୟ ଅପେକ୍ଷା କରାଯାଇଥିଲେ ହେଁ ତାଙ୍କ ଓକିଲ ଆସିପାରିନଥିବାରୁ ଆସନ୍ତାକାଲି ପୂର୍ବାହ୍ନ ୧୧ ଟାରେ ସତ୍ୟପାଠ ଦାଖଲ କରିବାକୁ ତାଙ୍କୁ

ଶୁକ୍ରବାର ବିଧାନସଭା ଗୃହ କମିଟି ନିକଟରେ ଦ୍ୱିତୀୟ ଥର ପାଇଁ ହାଜର ହୋଇଥିଲେ। କମିଟି ନିକଟରେ ଆଜି ସତ୍ୟପାଠ ଦାଖଲ କରିବାର ଥିଲେ ହେଁ ସେ ଦେଇ ପାରିନଥିଲେ। ଆସନ୍ତାକାଲି ପୂର୍ବାହ୍ନ ୧୧ ଟା ସୁଦ୍ଧାଏହି ସତ୍ୟପାଠ ଦାଖଲ କରିବାକୁ ତାଙ୍କୁ ସମୟ ଦିଆଯାଇଛି।ଏହା ଶେଷ ସୁଯୋଗ ବୋଲି ତାଙ୍କୁ କୁହାଯାଇଛି।
ଏସମ୍ପର୍କରେ ସୂଚନା ଦେଇ କମିଟିର ଅଧ୍ୟକ୍ଷ ତଥା ବିରୋଧୀ ଦଳ ନେତା ଶ୍ରୀ ନରସିଂହ ମିଶ୍ର ସାମ୍ବାଦିକମାନଙ୍କୁ କହିଥିଲେ ଯେ ତାଙ୍କର ଓକିଲ ସତ୍ୟପାଠ ନେଇ ଆସୁଛନ୍ତି। ଏଥିପାଇଁ ନିର୍ଦ୍ଦେଶ ଦିଆଯାଇଛି। ସତ୍ୟପାଠ ହସ୍ତଗତ ହେବା ପରେ କମିଟି ଏହା ଉପରେ ବିଚାର କରିବ। ଏହାପରେ ବିଧାନସଭାକୁ କମିଟି ତାର ରିପୋର୍ଟ ପ୍ରଦାନ କରିବ। ପ୍ରକାଶଥାଉକି ଅଭିଜିତ୍ ଆୟାର କୋଣାର୍କ ସୂର୍ଯ୍ୟମନ୍ଦିର, ଓଡିଶା ଓ ଓଡିଶା ବିଧାନସଭାର ସଦସ୍ୟମାନଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ । ଅଭିଜିତ୍ ଆୟାରଙ୍କ ବିରୋଧରେ କୋଣାର୍କ ଥାନାରେ ମାମଲା ରୁଜୁ ହେବା ସହ ଓଡିଶା ବିଧାନସଭାରେ ତାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ଅଭିଯୋଗ ହୋଇଥିଲା ।

୧୬ରୁ ବିଧାନସଭା ଅଧିବେଶନ !

ଭୁବନେଶ୍ୱର, ୨।୧୧ (ସକାଳ ଖବର): ଆସନ୍ତା ୧୬ ତାରିଖରୁ ଓଡିଶା ବିଧାନସଭାର ଅଧିବେଶନ ଆରମ୍ଭ ହେବ । ଏହି ଅଧିବେଶନ ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ବିଧାନସଭା ବୈଠକ ଡାକିବାପାଇଁ ରାଜ୍ୟପାଳଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି। ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ସମନ ଆସିବା ପରେ ବିଧାନସଭା ବୈଠକର କାର୍ଯ୍ୟକ୍ରମ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇବ।

କୂଅରେ ଖସି ପଡିଲା ଦନ୍ତାହାତୀ

ଢ଼େଙ୍କାନାଳ, ୨।୧୧ (ସକାଳ ଖବର): ଢ଼େଙ୍କାନାଳ ଜିଲ୍ଲା ସଦର ରେଞ୍ଜ୍ ଅନ୍ତର୍ଗତ ମହୀଧରପୁର ଗାଁ ନିକଟସ୍ଥ ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ କୂଅରେ ଆଜି ଭୋର୍ ସମୟରେ ଏକ ଦନ୍ତାହାତୀ ହାତୀ ଖସି ପଡିଛି । ହାତୀ ପଲଙ୍କ ସହିତ ଏହି ୬ରୁ ୭ ବର୍ଷ ବୟସର ହାତୀଟି ପାଚିଲା ଧାନ **(ପୃଷ୍ଠା-୭)**

ଆଜି ଭୁବନେଶ୍ୱର ଆସିବେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ



ଭୁବନେଶ୍ୱର, ୨।୧୧ (ସକାଳ ଖବର): ପୁରୀ ଗୋବର୍ଦ୍ଧନ ମଠାଧୀଶ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଶନିବାର ୩ ଦିନିଆ ଭୁବନେଶ୍ୱର ଗସ୍ତରେ ଆସିବେ। ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଶଙ୍କରାଚାର୍ଯ୍ୟ କଳିଙ୍ଗ ବିହାରରେ ସମ୍ ହସ୍ପିଟାଲ ନିକଟସ୍ଥ ଗ୍ରାଣ୍ଡ୍ ମାର୍କ ଏକ୍‌ଜୋଟିକା-୧ରେ ଅବସ୍ଥାନ କରିବେ। ପୁରୀ ଗୋବର୍ଦ୍ଧନ ପୀଠରୁ ପ୍ରାପ୍ତ ସୂଚନା ଅନୁସାରେ ଶଙ୍କରାଚାର୍ଯ୍ୟ ବର୍ତମାନ ପ୍ରୟାଗରାଜ (ଆହ୍ଲାବାଦ) ଗସ୍ତରେ ଅଛନ୍ତି। ଶନିବାର ପୂର୍ବାହ୍ନରେ ଟ୍ରେନ ଯୋଗେ ଭୁବନେଶ୍ୱରରେ ପହଂଚି ପ୍ରଥମେ ସେ ଏକ ଧର୍ମସଭାରେ ଯୋଗଦେବା ନିମନ୍ତେ ଯାଜପୁର ଜିଲ୍ଲାର ବଡ଼ଚଣା ଗସ୍ତ କରିବେ। ସେଠାରୁ ସଂଧ୍ୟାରେ ଭୁବନେଶ୍ୱର ଫେରି ଗ୍ରାଣ୍ଡ୍ ମାର୍କ ଏକ୍‌ଜୋଟିକାରେ ଅବସ୍ଥାନ କରିବେ। ରବିବାର ପୂର୍ବାହ୍ନ ୧୧ଟାରେ ଜଗଦଗୁରୁ ସେଠାରେ ଶ୍ରଦ୍ଧାଳୁମାନଙ୍କୁ ଆଶୀର୍ବଚନ ପ୍ରଦାନ କରିବେ। ସେହିଦିନ ଅପରାହ୍ନରେ ଗଙ୍ଗପଡ଼ା ସ୍ଥିତ ଆଦ୍ୟାନ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହରେ ଅତିଥି ଭାବେ ଯୋଗଦେବେ ଶଙ୍କରାଚାର୍ଯ୍ୟ। ସୋମବାର ଅପରାହ୍ଣରେ ଜୟଦେବ ଭବନ ଠାରେ ଏକ ପୁସ୍ତକ ଉନ୍ମୋଚନ ସମାରୋହରେ ଉପସ୍ଥିତ ରହିବେ ଓ ସଂଧ୍ୟାରେ ପୁରୀ ଅଭିମୁଖେ ଯାତ୍ରା କରିବେ ବୋଲି ଗୋବର୍ଦ୍ଧନ ମଠର ରଷ୍ଟ୍ରୀୟ ସମ୍ପର୍କ ସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।
ଶଙ୍କରାଚାର୍ଯ୍ୟଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ଆଦିତ୍ୟ ବାହିନୀ ପୂର୍ବାଂଚଳ ସଂପର୍କ ସଚିବ ଜ୍ଞାନଭୂଷଣ ଗୁପ୍ତା, ଭୁବନେଶ୍ୱର କ୍ଷେତ୍ରୀୟ ସଂପାଦକ ଶୁଭେନ୍ଦୁ ଦାସ ଏବଂ ସମାଜସେବୀ ଅଜୟ କୁମାର ନାୟକ ତଦାରଖ କରିବେ।

ଭୂତତ୍ତ୍ୱସେବା କ୍ୟାଡର ପୁନର୍ଗଠନ

- ରାଜ୍ୟ କ୍ୟାବିନେଟରେ ୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ
- ସରକାରଙ୍କ ସହାୟତାରେ ଟିଡିସି ଋଣମୁକ୍ତ ହେବ

ଭୁବନେଶ୍ୱର, ୨।୧୧ (ସକାଳ ଖବର): ବିଭିନ୍ନ ସେବା କ୍ୟାଡ଼ରର ସଂଶୋଧନ ତଥା ପୁନର୍ଗଠନ, ସରକାରଙ୍କ ସହାୟତାରେ ଟିଡ଼ିସିଙ୍କୁ ଋଣମୁକ୍ତ କରିବା, ଆଦିବାସୀ ହଷ୍ଟେଲ ମାନଙ୍କରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଯୁକ୍ତି ଦେବା ଲାଗି ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତି ହୋଇଛି ।
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆଜି ଅପରାହ୍ନରେ ସଚିବାଳୟଠାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୭ଟି ବିଷୟକୁ ଅନୁମୋଦନ କରାଯାଇଛି । ବୈଠକ ପରେ କ୍ୟାବିନେଟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଅନୁମୋଦିତ ହୋଇଥିବା ବିଷୟ ସମ୍ପର୍କରେ ସୂଚନା ଦେଇଥିଲେ ।
ସେ କହିଥିଲେ ଯେ, ଓଡ଼ିଶା ଜନଜାତି ମାନଙ୍କର ଅର୍ଥନୈତିକ ଉନ୍ନତି ଓ ସାମାଜିକ କଲ୍ୟାଣ ସାଧନ ନିମନ୍ତେ ଓଡ଼ିଶା ଜନଜାତି ଉନ୍ନୟନ ସମବାୟ ନିଗମ ଲିମିଟେଡ଼ (ଟିଡିସିସି) ଜନଜାତିଙ୍କ ଦ୍ୱାରା ସଂଗୃହୀତ ବନଜାତ ଦ୍ରବ୍ୟ ଓ ବଳକା କୃଷିଜାତ ଦ୍ରବ୍ୟ ଗୁଡ଼ିକ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କ୍ରୟ ଦରରେ ସଂଗ୍ରହ ଓ ମୂଲ୍ୟ ପରିବର୍ତ୍ତିତ କରି ଏହାର ବିକ୍ରିବଟାର ବ୍ୟବସ୍ଥା କରିବା କାର୍ଯ୍ୟ ସମ୍ପାଦନ କରିବା ପାଇଁ ସରକାର ଏ ସଂସ୍ଥାକୁ ବିଭିନ୍ନ ଋଣ ମାଧ୍ୟମରେ ଚଳନ୍ତି ପୁଂଜି ନିବେଶ କରିଥିଲେ । ୧୯୯୧ ମସିହାରେ ସରକାରଙ୍କ ଦ୍ୱାରା ମହୁଲ ଫୁଲ ସଂଗ୍ରହର ବିକ୍ରିକରଣ କାର୍ଯ୍ୟକ୍ରମରେ ଟିଡିସିସିକୁ ମୋଟ ୧୦.୭୫ କୋଟିର କ୍ଷତି ସହିବାକୁ ପଡ଼ିଛି । ୨୦୧୫, ୩୧ ତାରିଖ ସୁଦ୍ଧା ଏହି କ୍ରମବର୍ଦ୍ଧିଷ୍ଣୁ କ୍ଷତିର ପରିମାଣ ୫୨.୭୮କୋଟି ଟଙ୍କାରେ ପହଂଚିଛି । ଇତି ମଧ୍ୟରେ ଟିଡିସିସି ୧୪.୩୪ କୋଟି ଟଙ୍କାର ସରକାରୀ ଋଣ ପରିଶୋଧ କରିଛନ୍ତି । ମହୁଲ ଫୁଲ ସଂଗ୍ରହ ବିକେନ୍ଦ୍ରୀକରଣ କାର୍ଯ୍ୟକ୍ରମରେ ବଳକା ଥିବା ସରକାରୀ ଋଣକୁ ତଥା ସୁଧ ବାବଦକୁ ବାକିଥିବା ୩୬.୩୯କୋଟି କୁ ସମାନ ଭାବରେ ଅଂଶ ପୁଞ୍ଜି ନିବେଶ ପରିବର୍ତ୍ତିତ କରିବା ପାଇଁ କ୍ୟାବିନେଟରେ ନିଷ୍ପତି ହୋଇଛି । ଏହି ପଦକ୍ଷେପ ଦ୍ୱାରା ଜନଜାତି ମାନଙ୍କ ବନଜାତ ଓ ବଳକା କୃଷିଜାତ ଦ୍ରବ୍ୟର ମୂଲ୍ୟ ପରିବଦର୍ଦ୍ଧନ ତଥା ବିକ୍ରି ବଟାର ବ୍ୟବସ୍ଥାକୁ ସୂଚାରୁ ରୂପରେ ସମ୍ପାଦନ କରିବା ନିମନ୍ତେ ଟିଡିସିସି ଆସନ୍ତା ବର୍ଷ ଠାରୁ ସକ୍ଷମ ହୋଇପାରିବ । ଏବଂ ସେ ମଧ ବାହାରୁ ଋଣ ଆଣି ପାରିବ ।
ସେ ଆହୁରି କହିଲେ ଯେ, ଅନୁସୂଚିତ ଜନଜାତି ଓ ଜାତି, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ନିମିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଓଡ଼ିଶା ଅଧସ୍ତନ ମଙ୍ଗଳ ସେବାର ପୁନର୍ଗଠନ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି । ବିଗତ **(ପୃଷ୍ଠା-୭)**

ବାର ଆସୋସିଏସନରୁ ୩ ଓକିଲ ବହିଷ୍କୃତ

ଭୁବନେଶ୍ୱର, ୨।୧୧ (ସକାଳ ଖବର): ବିଜେଡ଼ି ଆଇନ ସାମ୍ମୁଖ୍ୟର ଉପଦେଷ୍ଟା ଅସୀମ ଅମିତାଭ ଦାସ ଏବଂ ଟହଲି ମହାନ୍ତି ଓ ବିଜୁ ଲିଗାଲ ଫ୍ରଂଟର ଆବାହକ ମିଳନ କାନୁନଗୋଙ୍କ ସମେତ ବାର ଆସୋସିଏସନର ପୂର୍ବତନ ଉପ ସଭାପତି ବଂଶୀଧରୀ ଶତପଥିଙ୍କୁ ହାଇକୋର୍ଟ ବାର କାଉନସିଲରୁ ବହିଷ୍କୃତ କରାଯାଇଛି । ଚାଲିଥିବା ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ସେମାନଙ୍କୁ ବହିଷ୍କୃତ କରାଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଆଜି ବାର କାଉନସିଲର ପରିଷଦ ବୈଠକରେ ଏହି ନିଷ୍ପତି ନିଆଯାଇଛି ବୋଲି ହାଇକୋର୍ଟ ବାର ଆସୋସିଏସନର ସମ୍ପାଦକ ସତ୍ୟବ୍ରତ ମହାନ୍ତି ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ବାର କାଉନସିଲର ଅଧକ୍ଷ ଟହଲି ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ମଧ ଜାରି କରାଯାଇଛି । ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ ଚଳିତ ମାସ ୯ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଜାରୀ ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ହାଇକୋର୍ଟ ତଦନ୍ତ କରୁଥିବା ଆଇଜିଙ୍କୁ ୯ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି ।

ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ

ସୁନ୍ଦରୀ ଧରିବାରେ ସାହାଯ୍ୟ କରିବ ଯଶୋଦା



ଭୁବନେଶ୍ୱର : ସାତକୋଶିଆ ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ଗାଁ ଲୋକଙ୍କ ନିଦ ହଜାଇ ଦେଇଛି ବାନ୍ଧବଗଡରୁ ଆସିଥିବା ବାଘୁଣୀ ସୁନ୍ଦରୀ' । ଯାହାକୁ ପାଉଛି ଝାମ୍ପି ନେଉଛି । ସାତକୋଶିଆରୁ ସୁନ୍ଦରୀ'କୁ ଫେରାଇ ନେବାକୁ ନେଇ ବାଦ ବିବାଦ ଓ ପୋଡ଼ାଜଳା ପରେ ବନ ବିଭାଗ ଉଦ୍ୟମ ଆରମ୍ଭ କରିଥିଲା । ଟ୍ରାଙ୍କୁଲାଇଜ୍ କରିବାକୁ ଉଦ୍ୟମ କରି ବାରମ୍ବାର ଫେଲ୍ ମାରିଥିଲା । ଶେଷରେ ମଇଁଷି ବାନ୍ଧି ତା'ପାଖରେ ପୁରୁଷ ବାଘର ପରିସ୍ରାକୁ ଛିଞ୍ଚି ଗଛରେ ଭାଡି ବାନ୍ଧି ଜଗିଥିଲା । ରାତିର ଅନ୍ଧକାରରେ ସୁନ୍ଦରୀ ଆସି ପଳାଇଯାଇଥିଲା। ହେଲେ ଟ୍ରାଙ୍କୁଲାଇଜ୍ କରିପାରିନଥିଲା ବନ ବିଭାଗ । ଏବେ **(ପୃଷ୍ଠା-୭)**

୫୯ ମିନିଟରେ ମଞ୍ଜୁର ହେବ ଶିଳ୍ପଦ୍ୟୋଗୀଙ୍କୁ ୧ କୋଟି ଟଙ୍କା ଋଣ

ମୋଦି ସରକାରଙ୍କ ନୂଆ ଯୋଜନା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏକ ଆକର୍ଷଣୀୟ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ମାତ୍ର ୫୯ ମିନିଟ୍‌ରେ ଜଣେ ଶିଳ୍ପଦ୍ୟୋଗୀ ସରକାରୀ ସୂତ୍ରରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପାଇପାରିବେ । କେନ୍ଦ୍ର ସରକାରଙ୍କର ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶ ଲାଗି ସହାୟତା ଯୋଗାଇବା କାର୍ଯ୍ୟକ୍ରମ ଅଧିନରେ ଏହି ଯୋଜନାର ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୋଦି କହିଛନ୍ତି,ମୁଁ ଏହି ୫୯ ମିନିଟ୍‌ରେ ଋଣ **(ପୃଷ୍ଠା-୭)**

ହୁଣ୍ଡିର ଆୟ (୩୧.୧୦.୧୮)
୧,୭୭,୫୯୫

କାଣ୍ଡ ଭୁଷୁଡି ୩ ଶ୍ରମିକ ଗୁରୁତର

ଭୁବନେଶ୍ୱର, ୨।୧୧ (ସକାଳ ଖବର): ଭୁବନେଶ୍ୱର ବରମୁଣ୍ଡା ପାଇକନଗରରେ କାନ୍ଥ ଭୁଷୁଡି ପଡିବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ସମସ୍ତେ ଶ୍ରମିକ। ସେମାନଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରାଯାଇଛି।
ସୂଚନା ମୁତାବକ ପାଇକନଗରରେ ଥିବା ଏକ ପାଉଁରୁଟି ଫ୍ୟାକ୍ଟ୍ରିନିକଟରେ ଡ୍ରେନ୍ ଖୋଳା ଯାଉଥିବା ବେଳେ ହଠାତ୍ କାନ୍ଥ ଭୁଶୁଡିପଡିବାରୁ ୩ ଜଣ ଶ୍ରମିକ ଚାପି ହୋଇଯାଇଥିଲେ। ଅଗ୍ନିଶମ ବିଭାଗ ସଙ୍ଗେ ସଙ୍ଗେ ସେଠାରେ ପହଂଚି ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ। ସେହିପରି ଆଉ କିଛି ଲୋକ ମଧ୍ୟ କାନ୍ଥ ତଳେ ଚାପି ହୋଇ ଥିବା ଆଶଙ୍କା ରହିଥିବାରୁ ଉଦ୍ଧାର କାର୍ଯ୍ୟ ଜାରୀ ରହିଛି।

କୃଷି ଏବଂ ରାସ୍ତା କ୍ଷୟ କ୍ଷତି ନେଇ ଦୁଇଦିନ ମଧ୍ୟରେ ପୂର୍ଣ୍ଣାଙ୍ଗ ରିପୋର୍ଟ

ମୁଖ୍ୟ ଶାସନ ସଚିବଙ୍କ ସହିତ କେନ୍ଦ୍ରୀୟ ଟିମଙ୍କ ଆଲୋଚନା

ଭୁବନେଶ୍ୱର, ୨ ନଭେମ୍ବର - ସାମୁଦ୍ରିକ ଘୁର୍ଣ୍ଣିଝଡ଼ ତିତିଲି ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଗଂଜାମ ଏବଂ ଗଜପତି ଜିଲ୍ଲା ପରିସ୍ଥିତି ଉପରେ ଅନୁଧ୍ୟାନ କରି ଫେରିବା ପରେ ଆଜି ସଚିବାଳୟଠାରେ ସଂଧ୍ୟାରେ ରାଜ୍ୟ ସରକାରଙ୍କର ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ପରେ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଥିଲେ ଯେ, ଏନଡିଆରଏଫରୁ ଶହେ କୋଟି ଟଙ୍କା ଅଗ୍ରୀମ ଦେବା ସହ ଏସଡିଆରଏଫରୁ ଦ୍ୱିତୀୟ କିସ୍ତିରେ ଡିସେମ୍ବରରେ ପାଇବାକୁ ଥିବା ୪୦୦ କୋଟି ଟଙ୍କା ଆଗୁଆ ଦେବା ପାଇଁ ସେମାନଙ୍କୁ କୁହାଯାଇଛି । କୃଷି ଏବଂ ରାସ୍ତା କ୍ଷୟ କ୍ଷତି ନେଇ ଦିନେ ଦୁଇଦିନ ମଧ୍ୟରେ ପୂର୍ଣ୍ଣାଙ୍ଗ ରିପୋର୍ଟ ସେମାନଙ୍କୁ ଦିଆଯିବ ବୋଲି କହିଛନ୍ତି ।
ଅପର ପକ୍ଷରେ କ୍ଷତିଗ୍ରସ୍ତ ଅଂଚଳକୁ ଯାଇଥିବା ଆଠ ଜଣିଆ କେନ୍ଦ୍ରୀୟ ଟିମର ଅଧକ୍ଷ ଏସ. କେ. ସାଇ କହିଛନ୍ତି ଯେ, ଦୁଇ ଦିନ ଧରି ଗଂଜାମ ଓ ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଯାହା ଦେଖିଲୁ ଯାହା ଶୁଣିଲୁ ଯାହା ଉପଲବ୍ଧ ହେଲା ସବୁକୁ ନେଇ ରିପୋର୍ଟ ପ୍ରସ୍ତୁତ କରାଯିବ । ଖୁବ୍ ଶୀଘ୍ର କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଥିଲେ । ଏହି ବାତ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସେମାନଙ୍କର ଉପଲବ୍ଧ ହୋଇଛି । ବାତ୍ୟା ପରବର୍ତୀ ଅବସ୍ଥାରେ **(ପୃଷ୍ଠା-୭)**

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick